Issue-41

# OUR VOICE

Jan - Mar 2026

Enable
Empower
Include...

## 1: ଓଡ଼ିଶା ବିକାଶ ସମ୍ମିଳନୀ ୨୦୨୫ର ମୁଖ୍ୟ ନିର୍ଯ୍ୟାସକୁ ନେଇ ରାଜ୍ୟ ସରକାରଙ୍କ ସହ ଆଲୋଚନା

ବିକଶିତ ଓଡ଼ିଶା ୨୦୩୬କୁ କାର୍ଯ୍ୟାନ୍ୱୟନ କରିବା ପାଇଁ ସରକାର–ନାଗରିକ ସମାଜ ମଧ୍ୟରେ ସହଯୋଗ ଅତ୍ୟାବଶ୍ୟକ" – ଉନ୍ନୟନ କମିଶନର

ଭୁବନେଶ୍ୱର, ୧୫ ଡିସେମ୍ବର : "ଜଳବାୟୁ-ସହନଶୀଳ ଏବଂ ଲୋକକୈନ୍ଦ୍ରିକ ବିକାଶ " ଶୀର୍ଷକକୁ ନେଇ ଅନୁଷ୍ଠିତ ହୋଇଥିବା ଓଡ଼ିଶା ବିକାଶ ସମ୍ମିଳନୀ ୨୦୨୫ର ମୁଖ୍ୟ ନିର୍ଯ୍ୟାସ ଉପରେ ଓଡ଼ିଶା ସରକାରଙ୍କ ସହ ଆଲୋଚନା କରାଯାଇଛି। page–2

## 2: ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ୧୨ ଯୁବ ପ୍ରତିଭାଙ୍କୁ ପୁରସ୍କୃତ

ଯୁବଗୋଷ୍ଠୀ ମାନେ ସଂକଳ୍ପ ବଦ୍ଧ ହୋଇ ନିଜ ରାଷ୍ଟ୍ର ଓ ପ୍ରକୃତି ପାଇଁ ଦିନକୁ ଏକ ଘଣ୍ଟା ଦେବା ନିହାତି ଆବଶ୍ୟକ । ଜାତୀୟ ଯୁବ ଦିବସ ଅବସରରେ ସାମ୍ପ୍ରତିକ ସମସ୍ୟା ଓ ସ୍ଥିତିକୁ ମୁକାବିଲା କରି ନିଜ ସମାଜର ବିକାଶ ତଥା ପ୍ରତିକୂଳ ପରିସ୍ଥିତିର ପରିବର୍ତ୍ତନ ଲକ୍ଷ୍ୟରେ ଆଇନ, ମନସ୍ତତ୍ତ୍ୱ, ସେବା, ସଚେତନତା, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଲୋକଙ୍କ ସହ କାର୍ଯ୍ୟ କରୁଥିବା ଶ୍ରେଷ୍ଠ ବାର ଜଣ ଯୁବ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା । page–2

## 3. ସମୁଦାୟର ମିଳିତ ପ୍ରୟାସ: ଶେଷ ମାଇଲକୁ ପହଞ୍ଚିଲା ଶିଶୁଗୃହ ସେବା

ଏକ ଶିଶୁର ସର୍ବାଙ୍ଗୀନ ବିକାଶ ପାଇଁ ଉତ୍ତମ ଖାଦ୍ୟ, ସ୍ୱାସ୍ଥ୍ୟ ସହିତ ସ୍ଥାନୀୟ ପରିବେଶର ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।ମୁଖ୍ୟତଃ ମାଲାକାନଗିରି ପରି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଦେଖିବାକୁ ମିଳେ କୁପୋଷଣ ଓ ଅନୁନ୍ନତ ସ୍ୱାସ୍ଥ୍ୟବସ୍ଥା । ତେବେ ଶିଶୁଙ୍କୁ ଏହି ସମସ୍ୟାରୁ ମୁକୁଳିବା ପାଇଁ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରୁଛି ଶିଶୁଗୃହ । page–2

## 4. ପାରା ମେଡିକ ସ୍ୱେଚ୍ଛାସେବୀଙ୍କ ସଫଳ ପ୍ରଚେଷ୍ଟା: ବଦଳିଲା ଶିଶୁ ଓ କିଶୋରୀଙ୍କ ଭାଗ୍ୟ

ଉତ୍ତମ ଖାଦ୍ୟ, ମେଡ଼ିସିନ୍ ବ୍ୟତୀତ ସଠିକ ସମୟରେ ସଠିକ୍ ପରାମର୍ଶ ଆମକୁ ଅନେକ ରୋଗରୁ ମୁକ୍ତ କରିଥାଏ | ସେହି ପରାମର୍ଶ ଦ୍ୱାରା ବିଭିନ୍ନ ପରିବାରକୁ ସାମାଜିକ ସ୍ରୋତରେ ଯୋଡ଼ିବା ସହିତ ଶିକ୍ଷା ଓ ସ୍ୱାସ୍ଥ୍ୟ ପରି ପ୍ରମୁଖ ଦିଗରେ ଉଭୟ ଶିଶୁ ଓ କିଶୋରୀଙ୍କୁ ବାଟ ଦେଖାଉଛନ୍ତି ପାରା ମେଡିକ ସ୍ୱେଚ୍ଛାସେବୀ | page–2,3

## 5. ୭୦,୦୦୦ ରୁ ୪ ଲକ୍ଷ: ବିବିଧ ଚାଷ ପଦ୍ଧତି ଦ୍ୱାରା ୧.୦୫ ଏକର ଜମିରେ ଓଡ଼ିଶା ଦମ୍ପତିଙ୍କ ସଫଳତା

ଗୋଟିଏ ଜମିରେ ଭିନ୍ନ ପ୍ରକାରର ଚାଷ କରି ଆର୍ଥିକ ରୂପେ ସଶକ୍ତ ହେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ଟିଟିଲାଗଡ଼ ବ୍ଲକର ଓଡ଼ିଆ ଦମ୍ପତି କୌଶଲ୍ୟା ସୁନାନୀ ଓ ବିବେକାନନ୍ଦ ଛତ୍ରିଆ । page–3

## 6.ସେବା ପାଇଁ କୌଣସି ପଦବୀର ଆବଶ୍ୟକ ନଥାଏ: ପବନା ତନ୍ତୀ

ଲୋକଙ୍କୁ ସାହାଯ୍ୟ କରିବା ପାଇଁ କୌଣସି ପଦବୀର ଆବଶ୍ୟକ ହୋଇନଥାଏ, ଦରକାର କେବଳ ଦୃଢ଼ ମନୋବଳ । କେନ୍ଦୁଝର ଜିଲ୍ଲାର ସାହାରପଡା ବ୍ଲକର ବାନାବିର ଗାଁର ୩୫ ବର୍ଷୀୟ ପବନା ତନ୍ତୀ, ଯିଏକି ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା ଅନେକ ଅସହାୟ ପରିବାର ପାଇଁ ଆଶାର ପ୍ରଦୀପ ହୋଇଛନ୍ତି। page–3



Deliberation with Odisha Government on Key Outcomes of Odisha Vikash Conclave 2025


National Youth Day Celebration – "Arise, Awake & Realise the Power of Youth"

## 7.Julko Minyaka's Green Dream Revives Koraput Soil

In Narsikaipadar village of Koraput district, tribal farmer Julko Minyaka has rewritten her farming story through natural practices. Once dependent on chemical inputs and facing repeated low yields, her soil had grown tired and unproductive, mirroring her fading confidence after successive failed seasons. page–3,4

## 8.Seed Money Sparks Padmini's Entrepreneurial Transformation

At 22, Padmini Muduli of Kakrigumma village in Laxmipur block, Koraput district, struggled to support her family of three through irregular small-scale farming. page–4

## 9.WRC Learning Centre Reduces Dropouts and Strengthens Foundational Learning in Dangapani

With strong leadership from members of the WRC, a new Learning Centre has been inaugurated at Dangapani village under Saleibeda Gram Panchayat, reaffirming the Panchayat's commitment to zero dropout and inclusive education. page–4

## 10. Shramdaan: Nurturing Unity, Responsibility, and Shared Purpose

Shramdaan, as a voluntary service, is highly relevant in today's increasingly complex and disconnected world, where values like selflessness, cooperation, and collective responsibility are gradually declining. page–4

## 11: Grassroots Governance in Focus: Social Audits Enhance Development Impact

In a significant move to enhance transparency and community participation in implementation of its programmes, CYSD has conducted comprehensive social audits across 34 Gram Panchayats in three districts of Odisha - Malkangiri, Koraput, and Bolangir. page–4

Stay Connected
www.cysd.com

Editorial Team
Ananta Swain,Debi Prasad
Antim Alok Saraf, Susavan

ନମସ୍କାର CYSD ପରିବାର,
ଆମର ଏହି ତ୍ରୈମାସିକ ସଂସ୍କରଣକୁ ଆପଣଙ୍କୁ ସ୍ୱାଗତ! ଆମେ ଆପଣଙ୍କ ସହ ସାମ୍ପ୍ରତିକ ଅପଡେଟ୍ ଶେୟାର କରିବା, ସଫଳତାକୁ ପାଳନ କରିବା ଏବଂ CYSD ରେ ଘଟୁଥିବା ସମସ୍ତ ବିଷୟ ସହିତ ଆପଣଙ୍କୁ ଯୋଡ଼ି ରଖିବା ପାଇଁ ଅତ୍ୟନ୍ତ ଉତ୍ସାହିତ।

# OUR VOICE

Enable
Empower
Include...

## ୧: ଓଡ଼ିଶା ବିକାଶ ସମ୍ମିଳନୀ ୨୦୨୫ର ମୁଖ୍ୟ ନିର୍ଯ୍ୟାସକୁ ନେଇ ରାଜ୍ୟ ସରକାରଙ୍କ ସହ ଆଲୋଚନା

ଏହି ବୈଠକରେ ଉନ୍ନୟନ କମିଶନର ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମଙ୍କ ସମେତ ସ୍ୱତନ୍ତ୍ର ସଚିବ ଶ୍ରୀ ଟି. ଆଓ, ବିଶେଷ କାର୍ଯ୍ୟ ଅଧିକାରୀ ତଥା ସ୍ୱତନ୍ତ୍ର ସଚିବ ଶ୍ରୀ ଡି.କେ. ଜେନା ଏବଂ ଯୋଜନା ଓ ସମନ୍ୱୟ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

ଏହି ସମ୍ମିଳନୀରେ ୭୦୦ରୁ ଅଧିକ ବିଭିନ୍ନ ନାଗରିକ ସମାଜ ସଂଗଠନ ଅଂଶଗ୍ରହଣ କରି ପରିବେଶ ବିଜ୍ଞାନ, ଅର୍ଥନୀତି ସମାଜ ସଂଯୋଗୀକରଣ, ପରିବେଶ ସୁରକ୍ଷା ଓ ପୁନଃଚକ୍ରଣ ଏବଂ ଜଳବାୟୁ ସହନଶୀଳତା, ବିପର୍ଯ୍ୟୟ ପରିଚାଳନା, ଯଷ୍ଟ ଟ୍ରାଞ୍ଜିଷନ, ସବୁଜ ଜୀବିକା ଓ ସହରୀ ବସବାସ, ସକ୍ରିୟ ନାଗରିକତା ପାଇଁ ତଥ୍ୟ ବିକେନ୍ଦ୍ରୀକରଣ, ଲିଙ୍ଗ-ଜଳବାୟୁ ସମ୍ବନ୍ଧୀୟ ବିକାଶ ସମ୍ପର୍କ, ଜଳବାୟୁ-ସଂବେଦନଶୀଳ ପ୍ରବାସ, ମାନବ ସ୍ୱାସ୍ଥ୍ୟ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ, ପରିବର୍ତ୍ତିତ ଜନସଂଖ୍ୟା ସଂପୃକ୍ତ ସମସ୍ୟା, ଏବଂ କ୍ଲାଇମେଟ୍-ସ୍ମାର୍ଟ ପଞ୍ଚାୟତ ଆଦି ବିଷୟ ଉପରେ ଆଲୋଚନା କରିଥିଲେ ।

ଓଡ଼ିଶା ଡେଭେଲପମେଣ୍ଟ ଇନିସିଏଟିଭ୍ ପକ୍ଷରୁ ଏକ ପ୍ରତିନିଧି ଦଳ ଓଡ଼ିଶା ଭିଜନ୍ ୨୦୩୬ ସହ ସମନ୍ୱୟ ରଖୁଥିବା କ୍ଷେତ୍ର-ନିର୍ଦ୍ଦିଷ୍ଟ ପ୍ରାଥମିକତା, ସଂସ୍ଥାଗତ ଭୂମିକା ଓ କାର୍ଯ୍ୟ ପନ୍ଥା ଉପସ୍ଥାପନା କରିଥିଲେ। ଏହି ସୁପାରିଶଗୁଡ଼ିକ ମଧ୍ୟରେ ଓଡ଼ିଶା ବେସିନ୍ ଏବଂ ଜଳବାୟୁ ପରିବର୍ତ୍ତନ ପାଇଁ ଏକ କର୍ତ୍ତୃପକ୍ଷ ଗଠନ,ଲୁଣା ଜଙ୍ଗଲର ବିକାଶ କାର୍ଯ୍ୟକ୍ରମର ଆରମ୍ଭ, ଏବଂ ସମ୍ପଦ ସହିତ ଜଷ୍ଟ ଟ୍ରାନ୍ସିସନ୍ ଓ ଜଳବାୟୁ ପରିବର୍ତ୍ତନ ଟାସ୍କ ଫୋର୍ସ ଗଠନ ଆଦି ଏଥିରେ ସମ୍ମିଳିତ ଥିଲା। ଏଥି ସହିତ ଓଡ଼ିଶା ପାଇଁ ଏକ ପ୍ରବାସ ନୀତି ଓ କ୍ଲାଇମେଟ୍-ସ୍ମାର୍ଟ ଗ୍ରାମ ପଞ୍ଚାୟତ ପ୍ରଚାର ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ଏହି ପରିପ୍ରେକ୍ଷୀରେ ଉନ୍ନୟନ କମିଶନର ସମ୍ମିଳନୀର ପ୍ରମୁଖ ବିଷୟବସ୍ତୁ ଉପରେ ଗଭୀର ଆଲୋଚନା କରିବା ସହ ସମସ୍ତ ସୁପାରିଶକୁ ସ୍ୱାଗତ କରି କହିଥିଲେ ଯେ " ଓଡ଼ିଶା ଭିଜନ୍ ୨୦୩୬ ଏବଂ ଏହାର ଲକ୍ଷ୍ୟଗୁଡ଼ିକୁ କାର୍ଯ୍ୟରୂପ ଦେବା ପାଇଁ ସରକାର ଓ ନାଗରିକ ସମାଜ ମଧ୍ୟରେ ଦୃଢ଼ ସହଯୋଗ ଅତ୍ୟନ୍ତ ଆବଶ୍ୟକ। ଉପସ୍ଥିତ ବରିଷ୍ଠ ସରକାରୀ ଅଧିକାରୀମାନେ ମଧ୍ୟ ଗଠିତ କାର୍ଯ୍ୟପଦ୍ଧତି,ମଡେଲ୍ ଏବଂ ସମୁଦାୟ-କେନ୍ଦ୍ରିକ ଗୁରୁତ୍ୱକୁ ସ୍ୱୀକାର କରିଥିଲେ ଏବଂ ଏହି ସୁପାରିଶଗୁଡ଼ିକୁ ଭବିଷ୍ୟତ ପଦକ୍ଷେପ ପାଇଁ ଗମ୍ଭୀରତାର ସହ ବିଚାର କରାଯିବ ବୋଲି ଆଶ୍ୱାସନ ଦେଇଥିଲେ।

## ୨: ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ୧୨ ଯୁବ ପ୍ରତିଭାଙ୍କୁ ପୁରସ୍କୃତ

ଯୁବମାନେ ହେଉଛନ୍ତି ରାଷ୍ଟ୍ର ନିର୍ମାତା । ସେମାନଙ୍କ ତ୍ୟାଗ ସମର୍ପଣ ଓ ଅବଦାନ ସଦା ଫଳପ୍ରଦ । ଏଥିସହିତ ମାଧ୍ୟମରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ, ଦର୍ଶନ ଦୃଷ୍ଟିକୋଣ ଓ ବେଦାନ୍ତ ଉପରେ ବକ୍ତବ୍ୟ ଦେବା ସହିତ ଖୁବ୍ କମ୍ ବୟସରେ କିପରି ସେ ଆମେରିକାର ଚିକାଗୋ ସଭାରେ ନିଜର ଓଜସ୍ୱିନୀ ଭାଷଣ ଦ୍ୱାରା ଭାରତୀୟ ସଂସ୍କୃତିକୁ ପ୍ରତିପାଦିତ କରିଥିଲେ ବୋଲି ସିୱାଏସଡି ସହ-ସ୍ଥାପକ ଶ୍ରୀ ପି.କେ. ସାହୁ ମତ ପ୍ରକାଶ କରିଥିଲେ ।

ସେହିପରି ଆତ୍ମ ଚିନ୍ତନ, ମନ୍ଥନ ବିଷୟରେ ମତ ରଖିଥିଲେ । ଆଗାମୀ ପାଞ୍ଚବର୍ଷ ହେଉଛି ଯୁବ ବର୍ଗଙ୍କ । ତେଣୁ ସଂକଳ୍ପ ବଦ୍ଧ ହୋଇ କାର୍ଯ୍ୟକରିବା ଉପରେ ଗୁରୁତ୍ୱ ଦେବା ସହିତ ଓଡିଶାରେ ଦିନକୁ ଦିନ ଦେଖାଯାଉଥିବା ତିନୋଟି ମୁଖ୍ୟ ବିଷୟ କମୁଥିବା ଜନ୍ମହାର ଏବଂ ଶିକ୍ଷା ବ୍ୟବସ୍ଥାରେ ଅଚାନକ ବନ୍ଦ ହେଉଥିବା

କେବଳ ସେତିକି ନୁହେଁ ସ୍ୱାମୀ ବିବେକାନନ୍ଦଙ୍କ ଶିକ୍ଷାରୁ ପ୍ରେରିତ ଏକତା, ସହିଷ୍ଣୁତା ଓ ସାମାଜିକ ସମନ୍ୱୟର ମୂଲ୍ୟବୋଧ ଉପରେ ଜୋର ଦେବା ସହ ପବିତ୍ରତା, ଧର୍ଯ୍ୟ, ସଂଜମ ହେଲେ ହିଁ ଜୀବନରେ ସଫଳତା ହାସଲ କରିପାରିବା । ଏଥିସହିତ ବାଜିରାଉତ, ଭଗତ ସିଂହ ଙ୍କ ଅବଦାନକୁ ସ୍ମରଣ କରିଥିଲେ ଅନ୍ୟତମ ଅତିଥି ଶ୍ରୀ ପ୍ରହ୍ଲାଦ ସିଂ ।

ସେହିପରି ଶିକ୍ଷାବିତ୍ ଡ. ବିଶ୍ୱମୋହନ ଜେନା ଯୋଗଦେଇ ଯୁବ ସ୍ୱେଚ୍ଛାସେବା ଓ ସାମାଜିକ କାର୍ଯ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରି, ଜାତି ଗଠନ ଓ ଯୁବ ସଂଲଗ୍ନତାରେ ଜାତୀୟ ସେବା ଯୋଜନା (NSS)ର ଲକ୍ଷ୍ୟ ଉପରେ ମତ ରଖିଥିଲେ । ସାମ୍ପ୍ରତିକ ସମୟରେ ଜଳବାୟୁ ପରିବର୍ତ୍ତନ ଓ ବର୍ଦ୍ଧିତ ତାପମାତ୍ରା ଏକ ମୁଣ୍ଡବ୍ୟଥା ହୋଇଥିବା ବେଳେ ଯୁବଗୋଷ୍ଠୀମାନେ ନିଜର ଦୈନନ୍ଦିନ ଜୀବନରେ ସମସ୍ତ ସଉକରୁ ଦୁରେଇ ପୌଷ୍ଟିକ ଖାଦ୍ୟ ଓ ସରଳ ଜୀବନ ଯାପନ କରିବା ସହ ପ୍ରତ୍ୟେକଦିନ ଗୋଟିଏ ଘଣ୍ଟା ପ୍ରକୃତିକୁ ଦେବା ପାଇଁ ପରିବେଶବିଦ୍ ଡା. ଜୟକୃଷ୍ଣ ପାଣିଗ୍ରାହୀ ମତ ରଖିଥିଲେ ।

ଅନ୍ୟପକ୍ଷରେ ଡ. ବିକାଶ ଦାସ "ଘର ଘର ସମ୍ବିଧାନ ଆପଣଙ୍କ ସମ୍ବିଧାନକୁ ଜାଣନ୍ତୁ" ବିଷୟରେ ବିସ୍ତାରିତ ଆଲୋଚନା କରି, ଦାୟିତ୍ୱଶୀଳ ନାଗରିକତା ପାଇଁ ସମ୍ବିଧାନିକ ସଚେତନତାର ଗୁରୁତ୍ୱକୁ ଉଦ୍ଧାର କରିଥିଲେ ।

ଚଳିତଥର ଭାରତ ସ୍କାଉଟ ଓ ଗାଇଡ୍, ଏନ୍ଏସ୍ଏସ, ନିୟତି ଫାଉଣ୍ଡେସନ, ୟୁଥ ଫର୍ ୱାଟର, ଶୋଚ, ମିଶନ ରକ୍ତଦାନ, କ୍ଲାପ୍,ଆଇ ଏମ୍ ବି, ସଲାମ୍ ଜୀବନ୍, ରାଷ୍ଟ୍ରୀୟ ଯୁବ ଯୋଜନା, ଅହିଂସା ବିଚାର ମଞ୍ଚ ପ୍ରମୁଖଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦ ଜନ୍ମ ଜୟନ୍ତୀ ପାଳନ ଉପଲକ୍ଷେ ଯୁବ ଓ ସମାଜ ବିକାଶ କେନ୍ଦ୍ରରେ ରାଜ୍ୟର ବିଭିନ୍ନ ସଂଗଠନ, ଶିକ୍ଷାନୁଷ୍ଠାନରୁ ଯୁବ ସ୍ୱେଚ୍ଛାସେବୀ ଓ ବିଦ୍ୟାର୍ଥୀ ଯୋଗ ଦେଇଥିଲେ ଚଳିତଥର ଉଠ, ଜାଗ ଓ ଯୁବଶକ୍ତିର ସାମର୍ଥ୍ୟକୁ ଅନୁଭବ କର ବିଷୟକୁ ନେଇ ଏହି ଦିବସ ଅନୁଷ୍ଠିତ ହୋଇଥିଲା ।

## 3. ସମୁଦାୟର ମିଳିତ ପ୍ରୟାସ: ଶେଷ ମାଇଲକୁ ପହଞ୍ଚିଲା ଶିଶୁଗୃହ ସେବା

ମାଲକାନଗିରି ଜିଲ୍ଲାର ମାଙ୍ଗୀ ଗାଁର ୧୦ ମାସର ଅନୁସ୍କା ପଡିଆମି କୁପୋଷଣ ଯୋଗୁଁ ଦୁର୍ବଳତା ଓ ବାରମ୍ବାର ରୋଗରେ ପୀଡ଼ିତ ହେଉଥିଲେ। ପରିବାରର ଭ୍ରାନ୍ତ ଧାରଣା ଓ ପାରମ୍ପରିକ ବିଶ୍ୱାସ କାରଣରୁ ତାଙ୍କୁ ସ୍ଥାନୀୟ କ୍ରେଚ୍‌ରୁ ବାହାର କରାଯାଇଥିଲା, ଯାହା ଶିଶୁଟିର ଶାରୀରିକ ବିକାଶରେ ବାଧା ସୃଷ୍ଟି କରୁଥିଲା।

ତେବେ ଏହି ପରିସ୍ଥିତିକୁ ଗୁରୁତର ସହ ଦେଖି CYSD ଓ Azim Premji Foundation ର ମିଳିତ ସହଯୋଗରେ କ୍ରେଚ୍ ଟିମ୍ ନିୟମିତ ପିଲାଟିର ଘରକୁ ଯାଇ ତାର ପିତାମାତା ସହ ଆଲୋଚନା କରିଥିଲେ। ଏହାପରେ ପିଲାଟି ନିୟମିତ ଶିଶୁଗୃହକୁ ଆସିବାସହିତ ତାକୁ ପୌଷ୍ଟିକ ଶାକାହାରୀ ଖାଦ୍ୟ ଯଥା – ଭାତ-ଡାଲମା, ଖେଚେଡ଼ି, ଛତୁଆ, ମାଣ୍ଡିଆ ଯାଉ ଦେବା ଆରମ୍ଭ କରାଯାଇଥିଲା ।



ଫଳସ୍ୱରୂପ ଆଜି ନିରନ୍ତର ପରାମର୍ଶ ଓ ଯତ୍ନରେ ଅନୁସ୍କାଙ୍କ ସ୍ୱାସ୍ଥ୍ୟରେ ଉଲ୍ଲେଖନୀୟ ସୁଧାର ଆସିଛି । ବୃଦ୍ଧି ମାପନରେ ସେ ବର୍ତ୍ତମାନ 'ୟେଲୋ ଜୋନ୍'ରୁ 'ଗ୍ରିନ୍ ଜୋନ୍'କୁ ଆସିଛନ୍ତି। ଏହା ପ୍ରମାଣ କରୁଛି ଯେ ସମୁଦାୟ ଭିତ୍ତିକ ଓ ସଂସ୍କୃତିସମ୍ମତ (ଶିଶୁ ଗୃହ) କ୍ରେଚ୍ ସେବା କୁପୋଷଣ ରୋକିବା ସହିତ ଶିଶୁଙ୍କ ସୁସ୍ଥ ବିକାଶ ନିଶ୍ଚିତ କରିପାରେ। ସେହିପରି ଅନ୍ୟଏକ ଉଦାହରଣ ଦେଖିବାକୁ ମିଳିଛି ତକନଭଟା ଓ ପାଖ ଗାଆ କୁପୁଲିଗୁଡାରେ । ଶିଶୁମାନଙ୍କ ପାଇଁ ୨୦୧୯ରେ ତକନଭଟା କ୍ରେଚ୍ ଆରମ୍ଭ ହୋଇଥିଲା। କ୍ରେଚ୍‌ଟି କୁପୁଲିଗୁଡାରୁ ୧ କିଲୋମିଟର ଭିତରେ ଥିଲେ ମଧ୍ୟ ପିଲାଙ୍କ ଉପସ୍ଥିତି କମ ଥିଲା। ଦୂରତା, ଶିଶୁ ମାନଙ୍କ ଦୈନିକ ସୁରକ୍ଷା ଓ ସେବା ଯାହା ଅଭିଭାବକମାନଙ୍କ ଚିନ୍ତାର ମୁଖ୍ୟ କାରଣ ଥିଲା।

ନଭେମ୍ବର ୨୦୨୫ରେ ସମୁଦାୟ ମିଶି ସରଳ ସମାଧାନ ନେଇଥିଲେ। ଅଭିଭାବକମାନେ ମିଳିତ ଭାବେ ଶିଶୁ ମାନଙ୍କୁ ଛାଡ଼ିବା ବ୍ୟବସ୍ଥା କଲେ। କେବଳ ସେତିକି ନୁହେଁ ପରିବାରମାନଙ୍କୁ କ୍ରେଚ୍ ପରିଦର୍ଶନ କରାଯାଇଥିଲା। PRI ସଦସ୍ୟ, ଆଶା ଓ ଅଙ୍ଗନବାଡି କର୍ମୀଙ୍କ ସହ ସଭା ଆୟୋଜନ କରାଯାଇ ଶିଶୁ ଯତ୍ନ, ପୋଷଣ ଓ ସୁରକ୍ଷା ବିଷୟରେ ସଚେତନତା ବଢ଼ାଯାଇଥିଲା। ଫଳରେ କ୍ରେଚ୍‌ରେ ପିଲାଙ୍କ ସଂଖ୍ୟା ୧୭କୁ ବଢ଼ିଲା ଓ ଦୈନିକ ଉପସ୍ଥିତି ୧୦ରୁ ୧୫ରେ ପହଞ୍ଚିଲା। ବର୍ତ୍ତମାନ ଅଧିକ ଏହି ଶିଶୁ ସୁରକ୍ଷିତ ପରିବେଶରେ ପୋଷଣ ଓ ଯତ୍ନ ସୁବିଧା ପାଉଛନ୍ତି। ଏହା ଦେଖାଉଛି ଯେ ସମୁଦାୟର ଛୋଟ ପଦକ୍ଷେପ ଅପହଞ୍ଚ ଅଂଚଳରେ ସମସ୍ୟା ଦୂର କରି ବଡ଼ ପରିବର୍ତ୍ତନ ଆଣିପାରେ।

## 4. ପାରା ମେଡିକ ସ୍ୱେଚ୍ଛାସେବୀଙ୍କ ସଫଳ ପ୍ରଚେଷ୍ଟା: ବଦଳିଲା ଶିଶୁ ଓ କିଶୋରୀଙ୍କ ଭାଗ୍ୟ

ଉତ୍ତମ ଖାଦ୍ୟ, ମେଡ଼ିସିନ୍ ବ୍ୟତୀତ ସଠିକ ସମୟରେ ସଠିକ୍ ପରାମର୍ଶ ଆମକୁ ଅନେକ ରୋଗରୁ ମୁକ୍ତ କରିଥାଏ । ସେହି ପରାମର୍ଶ ଦ୍ୱାରା ବିଭିନ୍ନ ପରିବାରକୁ ସାମାଜିକ ସ୍ରୋତରେ ଯୋଡ଼ିବା ସହିତ ଶିକ୍ଷା ଓ ସ୍ୱାସ୍ଥ୍ୟ ପରି ପ୍ରମୁଖ ଦିଗରେ ଉଭୟ ଶିଶୁ ଓ କିଶୋରୀଙ୍କୁ ବାଟ ଦେଖାଉଛନ୍ତି ପାରା ମେଡିକ ସ୍ୱେଚ୍ଛାସେବୀ ।

ଯାହାର ସଫଳ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭୁବନେଶ୍ୱରସ୍ଥିତ ଧିରିକୁଟି ବସ୍ତି ଅଞ୍ଚଳରେ । ପାରା-ମେଡିକ୍ ସ୍ୱେଚ୍ଛାସେବୀ ଏକ ସ୍ୱଳ୍ପ ଓଜନର ନବଜାତ ଶିଶୁର ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି। ସୂଚନା ଅନୁଯାୟୀ ସଲମା ମାଝୀଙ୍କ ପୁଅ ସୁମନ ମାଝୀର ଜନ୍ମ ସମୟରେ ଓଜନ କେବଳ ୧.୯ କିଲୋଗ୍ରାମ ଥିଲା। ତାଙ୍କୁ ସ୍ଥାନୀୟ ଅଙ୍ଗନବାଡ଼ି କେନ୍ଦ୍ରରେ ତୁରନ୍ତ 'ରେଡ୍-ରିସ୍କ' ଶ୍ରେଣୀରେ ରଖାଯାଇଥିଲା। ଦୁର୍ବଳ ଶାରୀରିକ ଅବସ୍ଥା କାରଣରୁ ନିୟମିତ ଟିକାକରଣ ବିଳମ୍ବ ହୋଇଥିଲା ଏବଂ ଜୀବନଘାତୀ ସଂକ୍ରମଣ ସହ ସାମ୍ନା ହେବାକୁ ପଡୁଥିଲା ।

ପାରା-ମେଡିକ୍ ସ୍ୱେଚ୍ଛାସେବୀ ମାନେ ଶୀଘ୍ର ମୂଲ୍ୟାୟନ କରି ଶିଶୁଟିଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନର 'ଶିଶୁ ସେବା କେନ୍ଦ୍ର'କୁ ରେଫର୍ କରିଥିଲେ। ଏକ ମାସର ରହିବା ସମୟରେ ସୁମନ ଚିକିତ୍ସା ନିରୀକ୍ଷଣ, ପୋଷଣ ଭିତ୍ତିକ ଖାଦ୍ୟ ଏବଂ ସରକାରୀ ସହାୟତାପ୍ରାପ୍ତ ସେବା ପାଇଥିଲେ। ନିରନ୍ତର ଫଲୋ-ଅପ୍ ଦ୍ୱାରା ଟିକାକରଣ ଓ ବୃଦ୍ଧି ନିରୀକ୍ଷଣ ସୁନିଶ୍ଚିତ ହୋଇଥିଲା। ଯାହାର ଫଳସ୍ୱରୂପ ବର୍ତ୍ତମାନ ୧.୫ ବର୍ଷ ବୟସରେ ୧୪ କିଲୋଗ୍ରାମ ଓଜନ ସହ ସମ୍ପୂର୍ଣ୍ଣ ଟିକାପ୍ରାପ୍ତ ସୁମନ ଏବେ ସୁସ୍ଥ ଶିଶୁ ଭାବେ ବଢୁଛନ୍ତି।



ମାତ୍ର ଦିନେ ପାରା-ମେଡିକ୍ ସ୍ୱେଚ୍ଛାସେବୀ ମାନେ ଡୋର ଟୁ ଡୋର ଭିଜିଟ୍ କରୁଥିବା ସମୟରେ ତାଙ୍କୁ ଚିହ୍ନଟ କରି ୭–୮ଟି ପରାମର୍ଶ ଦେବା ସହ ପ୍ରତ୍ୟକ୍ଷ ଭାବେ ସୋନାଲିର ଅଭିଭାବକଙ୍କ ସହ ଆଲୋଚନା କରି ଶିକ୍ଷାର ଗୁରୁତ୍ୱ ବୁଝାଇଥିଲେ। କେବଳ ସେତିକି ନୁହେଁ ଉଚ୍ଚମାଧ୍ୟମିକ ଶିକ୍ଷା କେନ୍ଦ୍ରରେ ଭର୍ତ୍ତି ପ୍ରକ୍ରିୟା ଓ ଆରକ୍ଷଣ ସୁବିଧା ସମ୍ପର୍କରେ ପରିବାରକୁ ପରାମର୍ଶ ଦିଆଯାଇଥିଲା। ବର୍ତମାନ ନିରନ୍ତର ସହଯୋଗରେ ସୋନାଲୀ ଭୁବନେଶ୍ୱରର ମହର୍ଷି ମହିଳା ମହାବିଦ୍ୟାଳୟରେ ST କୋଟା ଅନୁସାରେ +୨ ଶ୍ରେଣୀରେ ଭର୍ତ୍ତି ହୋଇଛନ୍ତି। ତାଙ୍କର ଏହି ଇଚ୍ଛାଶକ୍ତି ଦ୍ୱାରା ଡ୍ରପ୍‌ଆଉଟ୍ ବିରୋଧରେ ମୁକାବିଲା କରି ନିଜର ଶିକ୍ଷାର ଯାତ୍ରାକୁ ପୁଣି ଆରମ୍ଭ କରିବାରେ ସଫଳ ହୋଇଛନ୍ତି ।

## 5. ୭୦,୦୦୦ ରୁ ୪ ଲକ୍ଷ: ବିବିଧ ଚାଷ ପଦ୍ଧତି ଦ୍ୱାରା ୧.୦୫ ଏକର ଜମିରେ ଓଡ଼ିଶା ଦମ୍ପତିଙ୍କ ସଫଳତା

ଗୋଟିଏ ଜମିରେ ଭିନ୍ନ ପ୍ରକାରର ଚାଷ କରି ଆର୍ଥିକ ରୂପେ ସଶକ୍ତ ହେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ଟିଟିଲାଗଡ଼ ବ୍ଲକର ଓଡ଼ିଆ ଦମ୍ପତି କୌଶଲ୍ୟା ସୁନାନୀ ଓ ବିବେକାନନ୍ଦ ଛତ୍ରିଆ । ପୂର୍ବରୁ ସେ ୧.୦୫ ଏକର ଜମିରେ ଏକମାତ୍ର ଧାନ ଚାଷ କରି ବର୍ଷକୁ କେବଳ ୬୦,୦୦୦–୭୦,୦୦୦ ଆୟ କରୁଥିଲେ। ଫଳରେ ଦୈନନ୍ଦିନ ବଜାର ମୂଲ୍ୟ ଓ କମ ଉତ୍ପାଦନ ତାଙ୍କ ପରିବାରକୁ ସବୁବେଳେ ଅନିଶ୍ଚିତତାରେ ରଖୁଥିଲା।






ଫଳସ୍ୱରୂପ କେବଳ ଆମ୍ବ ଚାଷରୁ ବର୍ଷକୁ ପ୍ରାୟ ଏକ ଲକ୍ଷ ଆୟ ହେଉଛି। ସବୁଜ ପନିପରିବା ଓ ଡାଲି ଚାଷରୁ ପ୍ରାୟ ଅଢେଇ ରୁ ତିନି ଲକ୍ଷ ଅଧିକ ଆୟ ହେବା ପାଇଁ ଆଶା କରଯାଉଥିବା ବେଳେ, ଯାହା ବର୍ତ୍ତମାନ ମୋଟ ଆୟକୁ ୩.୫–୪ ଲକ୍ଷକୁ ବଢ଼ାଇଛି ଯାହା ପୂର୍ବ ଆୟରୁ ପ୍ରାୟ ଛଅଗୁଣ। ଏହି ପରିବର୍ତ୍ତନ ପରିବାରର ଖାଦ୍ୟ ସୁରକ୍ଷା, ସାମାଜିକ ସମ୍ମାନ ଓ ପରିବେଶମୂଳକ ଚାଷକୁ ମଜବୁତ କରିଛି। ବାସ୍ତବରେ ଆଜି ଏହି ଦମ୍ପତିଙ୍କ ଜୀବନ ମାନରେ ପରିବର୍ତ୍ତନ ଆସିବା ସହିତ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି ଏହି ଦମ୍ପତି ।

## 6.ସେବା ପାଇଁ କୌଣସି ପଦବୀର ଆବଶ୍ୟକ ନଥାଏ: ପବନା ତନ୍ତୀ

ଲୋକଙ୍କୁ ସାହାଯ୍ୟ କରିବା ପାଇଁ କୌଣସି ପଦବୀର ଆବଶ୍ୟକ ହୋଇନଥାଏ, ଦରକାର କେବଳ ଦୃଢ଼ ମନୋବଳ । କେନ୍ଦୁଝର ଜିଲ୍ଲାର ସାହାରପଡା ବ୍ଲକର ବାନାବିର ଗାଁର ୩୫ ବର୍ଷୀୟ ପବନା ତନ୍ତୀ, ଯିଏକି ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା ଅନେକ ଅସହାୟ ପରିବାର ପାଇଁ ଆଶାର ପ୍ରଦୀପ ହୋଇଛନ୍ତି। କୌଣସି ସରକାରୀ ପଦବୀ ନ ଥିଲେ ମଧ ସେ ସ୍ୱଇଚ୍ଛାରେ ଆଗକୁ ଆସି, ଯୋଜନା ସମ୍ପର୍କରେ ଅଜ୍ଞାତ ଓ ଜଟିଳ ପ୍ରକ୍ରିୟାରେ ଅସୁବିଧାରେ ପଡୁଥିବା ଲୋକମାନଙ୍କୁ ସହଯୋଗ କରୁଛନ୍ତି।



ଅନେକ ଯୋଗ୍ୟ ପରିବାର ଆବଶ୍ୟକ ଦଲିଲର ଅଭାବ ଓ କାର୍ଯ୍ୟାଳୟକୁ ଯିବାର ଭୟରୁ ସୁବିଧାରୁ ବଞ୍ଚିତ ହେଉଥିବାକୁ ଦେଖି ପବନା ନିଜେ ଦାୟିତ୍ୱ ନେଇ ସେମାନଙ୍କୁ ସହଯୋଗ କରିଛନ୍ତି। ସେ ପ୍ରାୟ ୨୫ ଜଣଙ୍କୁ ପରିଚୟ ପତ୍ର, ଆୟ ପ୍ରମାଣପତ୍ର ଓ ବ୍ୟାଙ୍କ ବିବରଣୀ ପ୍ରସ୍ତୁତ ଓ ସଂଶୋଧନ କରିବାରେ ସାହାଯ୍ୟ କରିଛନ୍ତି।

ଜନସେବା କେନ୍ଦ୍ରର ସହାୟତାରେ ବିଭିନ୍ନ ଆବେଦନ ପତ୍ରର ନିୟମିତ ଅନୁସରଣ କରି, ସେ ପେନସନ, ରାସନ କାର୍ଡ ଓ ସ୍ୱାସ୍ଥ୍ୟସୁବିଧା ଯୋଗ୍ୟ ପରିବାରମାନଙ୍କ ପାଖକୁ ପହଞ୍ଚାଇପାରିଛନ୍ତି। ତାଙ୍କ ଉଦ୍ୟମ ଅନେକ ପରିବାରର ଆର୍ଥିକ ସ୍ଥିରତା ବଢ଼ାଇବା ସହିତ ସ୍ଥାନୀୟ ସମୁଦାୟରେ ସଚେତନତା ଓ ଆତ୍ମବିଶ୍ୱାସ ବୃଦ୍ଧି କରିଛି। ଆଜି ପବନା ତନ୍ତୀ ଗାଁରେ ଏକ ଉଦୀୟମାନ ଉଦାହରଣ ଓ ଆଦର୍ଶ ବ୍ୟକ୍ତି ଭାବେ ପରିଚିତ, ଯିଏ ପ୍ରମାଣ କରିଛନ୍ତି ଯେ ଜଣେ ବ୍ୟକ୍ତିଙ୍କ ସମର୍ପଣ ସମାଜରେ ଦୀର୍ଘସ୍ଥାୟୀ ପରିବର୍ତ୍ତନ ମଧ ଆଣିପାରେ।

## 7.Julko Minyaka's Green Dream Revives Koraput Soil

In Narsikaipadar village of Koraput district, tribal farmer Julko Minyaka has rewritten her farming story through natural practices. Once dependent on chemical inputs and facing repeated low yields, her soil had grown tired and unproductive, mirroring her fading confidence after successive failed seasons.

In 2025, Julko shifted to natural farming, enriching her fields with cow dung, cow urine, neem-based formulations, green manure and mulching. Gradually, soil texture improved, moisture retention increased and pest attacks reduced without chemical sprays. Her kitchen garden turned into a practical learning space where she tested and refined sustainable methods.



In 2025, Julko shifted to natural farming, enriching her fields with cow dung, cow urine, neem-based formulations, green manure and mulching. Gradually, soil texture improved, moisture retention increased and pest attacks reduced without chemical sprays. Her kitchen garden turned into a practical learning space where she tested and refined sustainable methods.

Today, she follows poly-cropping—cultivating ragi, maize, pigeon pea, cowpea and seasonal vegetables—ensuring household food security and diversified income. With technical guidance and local seed support under CYSD's SOLP project, Julko has become a role model for other women farmers. Her transformation highlights how restoring soil health can rebuild livelihoods, strengthen resilience and renew dignity for small tribal farmers.

## 8.Seed Money Sparks Padmini's Entrepreneurial Transformation

At 22, Padmini Muduli of Kakrigumma village in Laxmipur block, Koraput district, struggled to support her family of three through irregular small-scale farming. With no steady secondary income, limited market access and no formal credit support, her household faced daily financial uncertainty. Business exposure was minimal, and savings were scarce, making even basic needs difficult to manage.



Her turning point came under the Mukhyamantri Janajati Jeevika Mission (MMJJM). With ₹1,00,000 as seed support from the Government of Odisha and an additional ₹20,000 from her own savings, Padmini established a small grocery store in her village. Training from ITDA, Koraput equipped her with skills in business planning, bookkeeping and financial management. She adopted a point-of-sale system to manage transactions efficiently, signalling a shift from subsistence survival to structured enterprise.

Today, her store earns around ₹15,000 per month, ensuring stable income and improved living conditions. The steady cash flow has strengthened household security and restored confidence. What began as seed capital has evolved into a sustainable rural enterprise—demonstrating how timely government support, structured mentoring and field facilitation by CYSD can unlock entrepreneurial potential.

## 9.WRC Learning Centre Reduces Dropouts and Strengthens Foundational Learning in Dangapani

With strong leadership from members of the WRC, a new Learning Centre has been inaugurated at Dangapani village under Saleibeda Gram Panchayat, reaffirming the Panchayat's commitment to zero dropout & inclusive education. The initiative recognizes that education shapes a complete human being, especially when it begins in a child's mother tongue.



Responding to the needs of the local tribal community, the WRC established a learning centre to support children at risk of dropping out. Led by community leader Janaki Purti, the centre teaches 40 students in their tribal Ho language, making learning joyful, relatable, and culturally rooted.

By creating a safe and inclusive space, the centre has boosted children's confidence and motivation to stay in school. This community-driven effort is already showing impact by reducing dropout rates and strengthening foundational learning.

## 10. Shramdaan: Nurturing Unity, Responsibility, and Shared Purpose

**Shramdaan,** as a voluntary service, is highly relevant in today's increasingly complex and disconnected world, where values like selflessness, cooperation, and collective responsibility are gradually declining. Civil society organizations play a crucial role in reviving these values. With this vision, CYSD has adopted Shramdaan as a meaningful practice to foster unity, shared responsibility, and community engagement.

Integrated across its intervention areas, Shramdaan at DRTC and RLTCs goes beyond routine clean-up activities, becoming an engaging, purpose-driven experience rooted in grassroots development. It promotes awareness of cooperation, environmental cleanliness, and hygiene while creating spaces for learning, reflection, and connection. With sustained effort, Shramdaan holds the potential to evolve into a strong, impactful social movement.




## 11: Grassroots Governance in Focus: Social Audits Enhance Development Impact

CYSD undertook comprehensive social audits across 34 Gram Panchayats in Malkangiri, Koraput, and Bolangir to strengthen transparency and community participation. Engaging over 550 stakeholders including PRI members, government officials, SHG members, and community representatives the audits reviewed programmes in early childhood care, livelihoods, and natural resource management. They provided a platform for communities to assess beneficiary selection, programme performance, and financial management, promoting accountability and need-based planning.

Key impacts emerged across districts: in Malkangiri, creche services improved child nutrition while enabling parents to work and older siblings to attend school; in Dasmantpur, better irrigation, livestock rearing, and cash crops increased household incomes; and in Titilagarh, vulnerable households, including distressed migrants, saw improved livelihoods.


